## ସଂକ୍ଷେପରେ

### ଅଳଙ୍କାର ଥିବା ବ୍ୟାଗ ଉଦ୍ଧାର



ବଇଣ୍ଡା,୧୮।୧୨(ଡି.ଏନ.ଏ.)- ଭୁବନେଶ୍ୱର-ବଲାଙ୍ଗୀର ଇଣ୍ଟରସିଟି ଏକ୍ସପ୍ରେସ୍‌ରୁ ଏକ ଅଳଙ୍କାର ବ୍ୟାଗକୁ ବୁଧବାର ବଇଣ୍ଡା ରେଲୱେ ଫାଣ୍ଡି ପୋଲିସ ରେଢାଖୋଲ ରେଲୱେ ପୋଲିସ ଦ୍ୱାରା ଉଦ୍ଧାର କରିଛି। ଉକ୍ତ ବ୍ୟାଗଟି ହଣ୍ଡପା ଥାନା ନୁନୁକାପଶି ଗ୍ରାମର ଜ୍ୟୋତିର୍ମୟୀ ନାଥଙ୍କର ବୋଲି ଜଣାପଡ଼ିଛି। ସେ ବଲାଙ୍ଗୀର ଅଭିମୁଖେ ଯାଉଥିବାବେଳେ ଟ୍ରେନ୍‌ରେ ବ୍ୟାଗଟି ଛାଡ଼ି ଦେଇଥିଲେ। ପରେ ଜ୍ୟୋତିର୍ମୟୀ ବଇଣ୍ଡା ଫାଣ୍ଡିରେ ଅଭିଯୋଗ କରିବା ପରେ ଫାଣ୍ଡି ଅଧିକାରୀ ଏ.କେ. ଗଡ଼ନାୟକ ଉକ୍ତ ବ୍ୟାଗ ଉଦ୍ଧାର କରିଥିଲେ। ସେଥିରେ ଥିବା ସୁନା ଚେନ, କାନଫୁଲ, ମୁଦି, ଚୁଡ଼ି, ରୂପା ପାଉଞ୍ଜି ଜ୍ୟୋତିର୍ମୟୀଙ୍କୁ ପ୍ରଦାନ କରିଥିଲେ।

### ବଜାର କମିଟି ବୈଠକ

ବଇଣ୍ଡା,୧୮।୧୨(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ କୋରାବ ଡାକ ବଙ୍ଗଳା ପରିସରରେ ବୁଧବାର ଠାକୁରଗଡ଼ ଲକ୍ଷ୍ମୀ ବଜାର କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ହେମନ୍ତ ଖୁଣ୍ଟିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଜୟ ସାହୁ, ବିଶେଶ୍ୱର ରାଉତ, ଶତ୍ରୁଘ୍ନ ସାହୁ, ଅକ୍ଷୟ ବିଶ୍ୱାଳ, ମନୋଜ କୁମାର ସାହୁ, ଗତିକୃଷ୍ଣ ସାହୁ, ରବୀନ୍ଦ୍ର ରାଉତଙ୍କ ସମେତ ବଜାର କମିଟିର ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ। ଏଥିରେ କମିଟିର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। କିଭଳି ବଜାରର ଉନ୍ନତି ହେବ ସେ ସମ୍ପର୍କରେ ବୈଠକରେ ଉପସ୍ଥିତ ସଭ୍ୟମାନେ ବିଭିନ୍ନ ମତ ପ୍ରକାଶ କରିଥିଲେ।

### ଶ୍ରମିକ ନେତାଙ୍କ ପତ୍ନୀ ବିୟୋଗ

ତାଳଚେର,୧୮।୧୨(ନି.ପ୍ର.)- ବର୍ଷୀୟାନ ଶ୍ରମିକ ନେତା ଦିବାକର ପ୍ରଧାନଙ୍କ ଧର୍ମପତ୍ନୀ କିରଣବାଳା ପ୍ରଧାନ (୭୮)ଙ୍କ ବୁଧବାର ପରଲୋକ ଘଟିଛି। ଗତ ଏକ ମାସ ଧରି ଫୁସଫୁସ୍ ଜନିତ ସଂକ୍ରମଣ ଯୋଗୁ କିରଣବାଳା ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ୧୦ ଦିନ ହେଲା ସେ ଭେଣ୍ଟିଲେଟରରେ ଥିଲେ।



ମୃତ୍ୟୁ ବେଳକୁ ତାଙ୍କ ପାଖରେ ସ୍ୱାମୀ, ୪ ପୁତ୍ର, ପୁତ୍ରବଧୂ, ୨ କନ୍ୟା ଓ ଜ୍ୱାଇଁ, ନାତୁଣୀନାତିମାନେ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ କ୍ରିୟା ସମ୍ପନ୍ନ ହୋଇଥିଲା। ଜଣେ ସାମାଜିକ କର୍ମୀ, ଧର୍ମପରାୟଣା ମହିଳା ଭାବେ ସେ ତାଳଚେର ଦେଉଳବେଡା କୋଲିୟରୀ କଲୋନୀ ଅଞ୍ଚଳରେ ପରିଚିତ ଥିଲେ। କିରଣବାଳାଙ୍କ ମୃତ୍ୟୁ ଖବର ସାରା କଲୋନୀ ଏବଂ ତାଙ୍କ ଗାଁ ଅନନ୍ତବେରେଣୀରେ ଶୋକର ଛାୟା ଖେଳାଇ ଦେଇଛି।

■ପୌରପାଳିକା ଜାଗାରୁ ଚୋରା ଚାଲାଣ ହେଉଛି ମାଟି

# ରାତିରେ ତାଡ଼ି ନିଆଯାଇଛି ଶହ ଶହ ଟ୍ରିପ୍

**ଅନୁଗୋଳ ଅଫିସ, ୧୮।୧୨**

ଅନୁଗୋଳ ପୌରପାଳିକାକୁ ଡମ୍ପିଂୟାର୍ଡ୍ ପାଇଁ ମିଳିଥିବା ୫ ଏକର ଜାଗାରୁ ରାତିରେ ହେଉଛି ମାଟି ଚୋରା ଚାଲାଣ। ଜେସିବି ଓ ଟିପ୍ପର ଲଗାଇ ମାଫିଆମାନେ ଶହ ଶହ ଟ୍ରିପ୍ ମାଟି ତାଡ଼ି ନେଇ ଆଣ୍ଠୁଏ ଖାଲ କରିଦେଇଥିଲେ ବି ଏ ନେଇ ପୌରପାଳିକା କି ତହସିଲ ପ୍ରଶାସନ ନିକଟରେ କିଛି ଖବର ନାହିଁ। ରାତିରେ ପାଟ୍ରୋଲିଂ କରୁଥିବା ଅନୁଗୋଳ ପୋଲିସ ମଧ୍ୟ ଏପରି ମାଟି ଚୋରା ଚାଲାଣକାରୀଙ୍କୁ ଧରିପାରି ନ ଥିବା ବେଳେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବେ ବୋଲି ବଅଁରପାଳ ତହସିଲଦାର ଜିତେନ୍ଦ୍ର କୁମାର ସାହୁ କହିଛନ୍ତି।

ପ୍ରକାଶ ଯେ, ୪ ବର୍ଷ ପୂର୍ବରୁ ବଅଁରପାଳ ତହସିଲ ପକ୍ଷରୁ କୁଶାସିଂହାରେ ୫ ଏକର ଜାଗା ଅନୁଗୋଳ ପୌରପାଳିକାକୁ ପ୍ରଦାନ କରାଯାଇଥିଲା। ଏଠାରେ ଡମ୍ପିଂୟାର୍ଡ୍ ନିର୍ମାଣ ଯୋଜନା ଥିବାରୁ ପୌରପାଳିକା ନାମରେ ଉକ୍ତ ଜମିର ପଟ୍ଟା କରାଯାଇଥିଲା। ଡମ୍ପିଂୟାର୍ଡ ନିର୍ମାଣ ପାଇଁ ସେଠାରେ ବାଲି, ଗୋଡ଼ି ଆଦି ପକାଇ ପୌର ପରିଷଦ ପକ୍ଷରୁ କାର୍ଯ୍ୟ ଆରମ୍ଭ କରାଯାଇଥିଲା। କିନ୍ତୁ ପାଚେରି ବୁଲାଇବା ବେଳେ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। ଫଳରେ ଡମ୍ପିଂୟାର୍ଡ୍ ନିର୍ମାଣ କାର୍ଯ୍ୟକୁ ସ୍ଥଗିତ ରଖାଯାଇଥିଲା। ଏବେ ଉକ୍ତ ସ୍ଥାନରୁ ମାଟି ଖୋଳି ନିଆଯିବା ସହ ପଡ଼ି ରହିଥିବା ବାଲି ଓ ଗୋଡ଼ିକୁ ଚୋରା ଚାଲାଣ କରାଯାଉଥିବା ଅଭିଯୋଗ ହେଉଛି। ଜେସିବି ଓ ଟିପ୍ପର ଲଗାଇ ରାତିରେ ଶହ ଶହ ଟ୍ରିପ୍ ମାଟି ଉଠାଇ ନିଆଯାଇଥିବାରୁ ଉକ୍ତ ସ୍ଥାନ ଆଣ୍ଠୁଏ ଲେଖାଏ ଖାଲ ହୋଇଯାଇଛି। ଗତ ୧୫ ଦିନ ହେବ ଏପରି ଖୋଲାଖୋଲି ଚୋରି କାର୍ଯ୍ୟ ଚାଲୁଥିଲେ ମଧ୍ୟ ପୌରପାଳିକା, ତହସିଲ କିମ୍ବା ପୋଲିସ ନିକଟରେ କିଛି ବି ସୂଚନା ନାହିଁ। ପୌରପାଳିକାର ଡମ୍ପିଂୟାର୍ଡ୍ ସ୍ଥାନ ସହ ନିକଟରେ ଥିବା ପଡ଼ିଆ ଅଞ୍ଚଳରୁ ମାଟି ଚୋରାରେ ଆଣି ମାଫିଆମାନେ ଅନୁଗୋଳ ସହରର ଏକ ସ୍ଥାନରେ ପକାଇଛନ୍ତି। ଏ ସମ୍ପର୍କରେ ପୌର ପରିଷଦ ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା କହିଛନ୍ତି, ଡମ୍ପିଂୟାର୍ଡ୍ ପାଇଁ ପ୍ରଶାସନ ପକ୍ଷରୁ ଜାଗା ମିଳିଥିଲା। ସ୍ଥାନୀୟ ଲୋକେ ବିରୋଧ କରିବାରୁ ପାଚେରି ନିର୍ମାଣ ହୋଇପାରିନାହିଁ। ତେବେ ମାଟି ଚୋରା ଚାଲାଣ ହେଉଥିବା ନେଇ ଆମ ନିକଟରେ କୌଣସି ସୂଚନା ନାହିଁ। ଘଟଣାସ୍ଥଳ ପରିଦର୍ଶନ ପରେ ପ୍ରଶାସନକୁ ଅବଗତ କରିବା ସହ ଆବଶ୍ୟକ ପଡ଼ିଲେ ଥାନାରେ ଅଭିଯୋଗ କରାଯିବ ବୋଲି ନିର୍ବାହୀ ଅଧିକାରୀ ପ୍ରକାଶ କରିଛନ୍ତି। ସେହିପରି ବଅଁରପାଳ ତହସିଲଦାର ସାହୁ କହିଛନ୍ତି, ମାଟି ଚୋରା ଚାଲାଣ ନେଇ ସୂଚନା ମିଳିଥିଲା। ଘଟଣାର ଅନୁଧ୍ୟାନ କରିବାକୁ ଆଡିସିନାଲ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲି। ସେ ଅଦ୍ୟାବଧି ରିପୋର୍ଟ ପ୍ରଦାନ କରିନାହାନ୍ତି। ନିଜେ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିବା ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଘଟଣା ସମ୍ପର୍କରେ ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇଙ୍କ ମତାମତ ମିଳିପାରି ନାହିଁ।



ପ୍ରସ୍ତାବିତ ଡମ୍ପିଂୟାର୍ଡ ସ୍ଥାନରୁ ମାଟି ଚୋରି କରି ନିଆଯାଇଛି।

■ପୌର ପ୍ରଶାସନ ନିକଟରେ ଖବର ନାହିଁ
■ରିପୋର୍ଟ ଦେଇନାହାନ୍ତି ଅତିରିକ୍ତ ତହସିଲଦାର
■ତଦନ୍ତ କରିବାକୁ ନିଜେ ଯିବେ ତହସିଲଦାର

## ଜେଏସ୍‌ପିଏଲ୍‌ରେ ଆପାତ୍‌କାଳୀନ ମକ୍ ଡ୍ରିଲ୍



ଜେଏସ୍‌ପିଏଲ ପରିସରରେ ମକ୍‌ଡ୍ରିଲ କରାଯାଉଛି।

**ଅନୁଗୋଳ ଅଫିସ, ୧୮।୧୨**

ଆପାତ୍‌କାଳୀନ ପରିସ୍ଥିତି ବେଳେ କିପରି ମୁକାବିଲା କରାଯାଇ ପାରିବ ସେ ନେଇ ଏକ ମକ୍‌ଡ୍ରିଲ୍ ଅନୁଗୋଳସ୍ଥିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ (ଜେଏସ୍‌ପିଏଲ୍) ପରିସରରେ ଥିବା କୋଲ୍ ଗ୍ୟାସିଫିକେଶନ ପ୍ଲାଣ୍ଟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା କ୍ରାଇସିସ ଗ୍ରୁପ୍‌ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମକ୍‌ଡ୍ରିଲ୍ କରାଯାଇଥିଲା। ଏହି ସମୟରେ ଅନୁଗୋଳ ଫ୍ୟାକ୍ଟ୍ରିଜ ଆଣ୍ଡ ବଏଲର୍ସ ବିଭାଗର ସହନିର୍ଦ୍ଦେଶକ ଉମାକାନ୍ତ ସାମନ୍ତରାୟଙ୍କ ସହ ଜିଲା ଅଗ୍ନିଶମ ବିଭାଗର ବରିଷ୍ଠ ଅଧିକାରୀ, ନାଲ୍‌କୋ, ଭୂଷଣ, ଏନ୍‌ଟିପିସି, ଗଣେଶ ସ୍ପଞ୍ଜ, ସ୍ୱେକ୍ଟ୍ରମ ଇଣ୍ଡଷ୍ଟ୍ରିଜ, ଗ୍ଲୋବାଲ ଇଣ୍ଡଷ୍ଟ୍ରିଜ, ଏବିସି ଇଣ୍ଡିଆ, ଜେଆଇଟିପିଏଲ, ଆର୍ଯ୍ୟାନ ଆଦି ଅନୁଷ୍ଠାନର ପ୍ରତିନିଧି ଉପସ୍ଥିତ ଥିଲେ।

ଜେଏସ୍‌ପିଏଲ୍ ନିରାପତ୍ତା ବିଭାଗ ଗ୍ରୁପ୍ ମୁଖ୍ୟ ରବିକାନ୍ତ ସୋମନୀ ଏହି ପୂର୍ଣ୍ଣାଙ୍ଗ ମକ୍ ଡ୍ରିଲ୍‌ର ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥିତ ପ୍ରତିନିଧିମାନଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ସିଜିପି ବିଭାଗ ମୁଖ୍ୟ ଏ.ଏନ. ତିୱାରୀ ବିଭାଗୀୟ କାର୍ଯ୍ୟଶୈଳୀ ଉପରେ ଏକ ବିସ୍ତୃତ ରିପୋର୍ଟ ଉପସ୍ଥାପନ କରିବା ସହ ଆପାତକାଳୀନ ପରିସ୍ଥିତିରେ କିପରି ତାହାର ମୁକାବିଲା କରାଯାଇପାରିବ ସେ ବିଷୟରେ ସୂଚନା ଦେଇଥିଲେ। ଫ୍ୟାକ୍ଟ୍ରିଜ ଆଣ୍ଡ ବଏଲର୍ସ ବିଭାଗ ସହନିର୍ଦ୍ଦେଶକ ସାମନ୍ତରାୟ ଜେଏସ୍‌ପିଏଲ୍‌ର ଏହି ପ୍ରୟାସ ଓ ଆପାତକାଳୀନ ଦଳର ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଜେଏସ୍‌ପିଏଲ ଓଡ଼ିଶା ମୁଖ୍ୟ ପରିଚାଳନା ଅଧିକାରୀ ପଙ୍କଜ ଗୌତମ ସମସ୍ତ ଉପସ୍ଥିତ ପ୍ରତିନିଧିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

■ଲିଟିଲ ହାର୍ଟ୍ସରେ ଅଭିଭାବକ ଦିବସ

## 'ପ୍ରତିଭା ଚିହ୍ନି ବିକାଶ କର'



କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରାଯାଉଛି।

**ଅନୁଗୋଳ ଅଫିସ, ୧୮।୧୨**

ଅନୁଗୋଳ କୁଇଓସ୍ଥିତ ଲିଟିଲ ହାର୍ଟ୍ସ ଟଡଲର୍ସ ଏକାଡେମୀରେ ଅଭିଭାବକ ଦିବସ ଉଦ୍‌ଘାଟିତ ହୋଇଯାଇଛି। ୫ ଦିନ ବ୍ୟାପୀ ଚାଲିବାକୁ ଥିବା ଏହି ସମାରୋହକୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଷ୍ଟାର ରାଜ୍ୟ ଉପସଭାପତି ସରୋଜ କୁମାର ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି କହିଥିଲେ ଯେ, ଅଭିଭାବକମାନେ ଛାତ୍ରୀଛାତ୍ରଙ୍କ ଉପରେ ପାଠକୁ ବୋଝ ଭଳି ନ ଲଦି ସେମାନଙ୍କ ରୁଚି, ଦୃଷ୍ଟିଭଙ୍ଗୀ ଓ ପ୍ରତିଭାକୁ ଚିହ୍ନଟ କରି ବିକାଶ ଉପରେ ଗୁରୁତ୍ୱ ଦେଲେ ସେମାନେ ସଫଳତାର ଶୀର୍ଷରେ ପହଞ୍ଚିପାରିବେ। ସେହିପରି ମୁଖ୍ୟବକ୍ତା ଭାବେ ଅନୁପମା ମୀନା ଯୋଗଦେଇ ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ସମନ୍ୱୟ ରହିଲେ ଶିଶୁମାନଙ୍କ ବିକାଶ ସମ୍ଭବ ହେବ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଭିଭାବକ ହିତେଶ ପୋରଷ ଯୋଗଦେଇଥିଲେ। ସ୍କୁଲ ଅଧକ୍ଷା ଜ୍ୟୋତି ଗୋହିଲ ଅତିଥିମାନଙ୍କୁ ସ୍ୱାଗତ କରିଥିବାବେଳେ ଛାତ୍ରୀ ସାମ୍ଭବୀ ଝାଙ୍ଗେରିଆ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ କୁନିକୁନି ଛାତ୍ରୀଛାତ୍ରମାନେ ଆକର୍ଷଣୀୟ ନୃତ୍ୟ, ସଙ୍ଗୀତ ପରିବେଷଣ କରିଥିଲେ।

## ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ

**ବଇଣ୍ଡା,୧୮।୧୨(ଡି.ଏନ.ଏ.)**

ହଣ୍ଡପା ଥାନା ବଇଣ୍ଡା ଛକଠାରେ ମଙ୍ଗଳବାର ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଛି। ପୋଲିସ କହିଛି, ବଇଣ୍ଡା ଅଟୋ ଷ୍ଟାଣ୍ଡରେ ଭଡ଼ାକୁ କେନ୍ଦ୍ର କରି ନୁନୁକାପଶି ଗ୍ରାମର ବିଷ୍ଣୁ ବାରିକଙ୍କୁ ବଇଣ୍ଡା ଗ୍ରାମର ମନୋଜ ଟିବ୍ରୁୱାଲା ଓ ତାଙ୍କ ପୁଅ ଶୁଭମ ଟିବ୍ରୁୱାଲା ଆକ୍ରମଣ କରିଥିବା ବିଷ୍ଣୁ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ପୋଲିସ ନଂ. ୨୨୦/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେହିପରି ମନୋଜଙ୍କ ସ୍ତ୍ରୀ ମଞ୍ଜୁଲତା ଟିବ୍ରୁୱାଲା ପାଲଟା ଅଭିଯୋଗ କରିଛନ୍ତି। ତାଙ୍କ ସ୍ୱାମୀ ଦୋକାନରେ ଥିବାବେଳେ ବିଷ୍ଣୁ ବାରିକ ଓ ତାଙ୍କ ପୁଅ ବାଦଲ ବାରିକ, ବିଷ୍ଣୁଙ୍କ ଭାଇ ବିନୋଦ ବାରିକ ଏକ ଠେଙ୍ଗାରେ ମନୋଜ ଏବଂ ପୁଅ ଶୁଭମଙ୍କୁ ଆକ୍ରମଣ କରିଥିବା ଏତଲାରେ ଦର୍ଶାଇଛନ୍ତି। ପୋଲିସ ନଂ. ୨୨୧/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

■ସ୍ତ୍ରୀଙ୍କୁ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ମାମଲା

## ଅଭିଯୁକ୍ତ ସ୍ୱାମୀଙ୍କୁ ୧୦ ବର୍ଷ ଜେଲ

**ଅନୁଗୋଳ ଅଫିସ, ୧୮।୧୨**

ସ୍ତ୍ରୀଙ୍କୁ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ମାମଲାର ବିଚାର କରି ଅନୁଗୋଳ ଜିଲା ଓ ଦୌରାଜଜ୍ କୋର୍ଟ ଅଭିଯୁକ୍ତ ସ୍ୱାମୀ ଅନୁଗୋଳ ଥାନା ଜାମୁନାଳିର ବିରଞ୍ଚି ପଟ୍ଟନାୟକ(୪୯)ଙ୍କୁ ୧୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୋଟ ୧୫ ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଜିଲା ଓ ଦୌରାଜଜ୍ ଅଶାନ୍ତ କୁମାର ଦାସ ଏହି ରାୟ ଶୁଣାଇଛନ୍ତି। ଏଥିସହ ଅନ୍ୟ ୭ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ବୋଲି କୋର୍ଟ କହିଛନ୍ତି। ସରକାରଙ୍କ ପକ୍ଷରୁ ପିପି ପ୍ରଦୀପ କୁମାର ଦାସ ମାମଲା ପରିଚାଳନା କରୁଥିଲେ।

ବିବରଣୀରୁ ପ୍ରକାଶ ଯେ, ଅନୁଗୋଳ ଥାନା ଜାମୁନାଳି ଅଞ୍ଚଳରେ ୨୦୧୬ ଏପ୍ରିଲ ୧ରେ ବିରଞ୍ଚିଙ୍କ ସ୍ତ୍ରୀ ସାରଥୀ ପଟ୍ଟନାୟକ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ସ୍ୱାମୀଙ୍କ ମାନସିକ ଓ ଶାରୀରିକ ନିର୍ଯାତନା ସହ୍ୟ କରି ନ ପାରି ସାରଥୀ ଆତ୍ମହତ୍ୟା କରିଥିବା ତାଙ୍କ ଭାଇ ଶ୍ରୀକାନ୍ତ ମହାନ୍ତି ଅନୁଗୋଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୧୫୧/୧୬ରେ ମାମଲା କରି ତଦନ୍ତ ଚଳାଇଥିଲା। ଏହି ଘଟଣାରେ ବିରଞ୍ଚିଙ୍କ ମା' ଜନକ ପଟ୍ଟନାୟକ, ସାନଭାଇ ସୁଜନ ପଟ୍ଟନାୟକ, ବଡ଼ଭାଇ ସରୋଜ ପଟ୍ଟନାୟକ, ପୁତୁରା ସୁଦର୍ଶନ ପଟ୍ଟନାୟକ, ପୋଡ଼ିବା ପାଇଁ କାଠ ଆଣିଥିବା ବ୍ୟକ୍ତି କାଣ୍ଡୁର ପ୍ରଧାନ, କୋଇଲା ଆଣିଥିବା ବ୍ୟକ୍ତି ନିଖିଲ ପଟ୍ଟନାୟକ ଓ ଗାଁର କୁମୁଦ ପ୍ରଧାନ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିବାରୁ ସମସ୍ତଙ୍କୁ ପୋଲିସ ଗିରଫ କରିଥିଲା। ତେବେ ଜିଲା ଓ ଦୌରା ଜଜ୍ କେବଳ ବିରଞ୍ଚିଙ୍କୁ ଦୋଷୀ ସାବ୍ୟସ୍ତ କରିଥିବାବେଳେ ଅନ୍ୟ ୭ ଜଣ ନିର୍ଦ୍ଦୋଷ ବୋଲି ରାୟ ଶୁଣାଇଛନ୍ତି।

## ପୁରସ୍କାର ବଣ୍ଟନ ଉତ୍ସବ

**କଣିହାଁ,୧୮।୧୨(ଡି.ଏନ.ଏ.)**

କଣିହାଁ ବ୍ଲକ ଗଦାଶିଳା ପଞ୍ଚାୟତସ୍ତରୀୟ ଖେଳକୁଦ ପ୍ରତିଯୋଗିତାର ପୁରସ୍କାର ବଣ୍ଟନ ଉତ୍ସବ ବୁଧବାର ଗଦାଶିଳା ଉ.ପ୍ରା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ସରପଞ୍ଚ ଜେମାମଣି ନାଏକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବ୍ଲକ ଗ୍ରାମ ପଞ୍ଚାୟତ ଅଫିସର ଜୟଶ୍ରୀ ନାଏକ, ମୁଖ୍ୟବକ୍ତା କଣିହାଁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୀତାମ୍ବର ରାଉଳ, ସମ୍ମାନିତ ଅତିଥି ଗଦାଶିଳା ଗ୍ରାମ ସଭାପତି ବୃନ୍ଦାବନ ପ୍ରଧାନ, ସମିତି ସଭ୍ୟା ଦୀପ୍ତିମୟୀ ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ ଗୀତାରାଣୀ ନାୟକ, ଶରତଚନ୍ଦ୍ର ପ୍ରଧାନ, ସନ୍ତୋଷ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ୧୦୯ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ମୁନା ନାଏକ ମଞ୍ଚ ପରିଚାଳନା କରିଥିଲେ। ୱାଲିକିଶୋର ନାଏକ ଧନ୍ୟବାଦ ଦେଇଥିଲେ। ଗଦାଶିଳା ଓ ବୁରୁବାହାଳ ସ୍କୁଲ ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷକ ପ୍ରଶାନ୍ତ ପତି, ଶିକ୍ଷୟିତ୍ରୀ ବବିତା ନାଏକ, ବୀଣାପାଣି ସାହୁ, ମମତା ସାହୁ ପ୍ରମୁଖ ସହଯୋଗ କରିଥିଲେ।

**କୋଲ ଇଣ୍ଡିଆ ଲିମିଟେଡ୍**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
(ଏକ ମହାରତ୍ନ କମ୍ପାନୀ)

**ତା.୦୧.୦୭.୨୦୧୬ରିଖ ପୂର୍ବରୁ କୋଲ ଇଣ୍ଡିଆ ଲିମିଟେଡ୍/ଅନୁଷଙ୍ଗୀ କମ୍ପାନୀଗୁଡ଼ିକରୁ ସେବାନିବୃତ୍ତ ହୋଇଥିବା କର୍ମଚାରୀମାନଙ୍କ ନିମନ୍ତେ ବିଜ୍ଞପ୍ତି**

କର୍ମଚାରୀଙ୍କ ନିମନ୍ତେ ଅଂଶଦାୟୀ ସେବାନିବୃତ୍ତ ଚିକିତ୍ସା ଯୋଜନା (CPRMS-NE) (ସଂଶୋଧିତ) ତା.୦୪.୧୦.୨୦୧୯ରିଖରେ ପରିଚାଳିତ କରାଯାଇଛି, ଯାହାକି କୋଲ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ (www.coalindia.in)ରେ ନିମ୍ନବର୍ଣ୍ଣିତ ଲିଙ୍କ୍‌ରେ ଉପଲବ୍ଧ ଅଟେ:- https://www.coalindia.in/DesktopModules/DocumentList/documents/CPRMS%20For%20NonExecutives%20modified%20Dt.%2004.10.2019.pdf

ତା.୦୧.୦୭.୨୦୧୬ରିଖ ପୂର୍ବରୁ କୋଲ ଇଣ୍ଡିଆ ଲିମିଟେଡ୍ ଏବଂ ଅନୁଷଙ୍ଗୀ କମ୍ପାନୀଗୁଡ଼ିକରୁ ସେବାନିବୃତ୍ତ ହୋଇଥିବା କର୍ମଚାରୀ, ଯିଏକି ଅନ୍ୟ ସମସ୍ତ ସର୍ତ୍ତ ପୂରଣ କରୁଥିବେ, ତା.୨୯.୦୨.୨୦୨୦ରିଖ ପର୍ଯ୍ୟନ୍ତ ପତି/ପତ୍ନୀ ଏବଂ ସେମାନଙ୍କ ଦିବ୍ୟାଙ୍ଗ ପିଲା ସହିତ, ଏହି ଯୋଜନାର ସଦସ୍ୟ ହୋଇପାରିବେ। ଇଚ୍ଛୁକ ପ୍ରାର୍ଥୀମାନେ, ନିଜର ସେବାନିବୃତ୍ତ ହୋଇଥିବା ସ୍ଥାନର କର୍ମଚାରୀ ପ୍ରତିଷ୍ଠାନର ପ୍ରମୁଖ ଅଥବା କ୍ଷେତ୍ରର କ୍ଷେତ୍ରୀୟ କାର୍ମିକ ପ୍ରବନ୍ଧକଙ୍କ ସହିତ ଯଥାଶୀଘ୍ର ଯୋଗାଯୋଗ କରନ୍ତୁ। R-4957

■ସୁବର୍ଣ୍ଣ ଜୟନ୍ତୀ ଲୋଗୋ ଉନ୍ମୋଚନ ଉତ୍ସବ

# ତାଳଚେର କଲେଜକୁ ୟୁନିଭରସିଟି କରିବାକୁ ଦାବି

**ତାଳଚେର,୧୮।୧୨(ନି.ପ୍ର.)**

ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପ୍ରତୀକ (ଲୋଗୋ) ଉନ୍ମୋଚନ ଉତ୍ସବ ବୁଧବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରାଜ୍ୟ ଶକ୍ତି, ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ତାଳଚେରର ଭବିଷ୍ୟତ ଉଦୟମାନ ସୂର୍ଯ୍ୟଙ୍କ ପରି ବୋଲି ମତବ୍ୟକ୍ତ କରିଥିଲେ। ଏଥିସହ ଗାନ୍ଧିଜୀଙ୍କ ଅହିଂସା ନୀତିକୁ ଅନୁସରଣ କରିବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ତାଳଚେର କଲେଜକୁ ପବିତ୍ରମୋହନ ୟୁନିଭରସିଟି କରାଯିବା ପ୍ରସ୍ତାବ ସରକାରଙ୍କ ନୀତି ନିୟମ ଭିତରେ କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ବିଶେଷ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଯୋଗଦେଇ ଆଗାମୀ ଦିନରେ ଏହି କଲେଜ କିଭଳି ବିଶ୍ୱବିଦ୍ୟାଳୟ ହେବ ଓ ଏହାର ୧୦୦ ବର୍ଷ ପୂର୍ତ୍ତି ପାଳନ ହେବ ସେଥିପ୍ରତି ସମସ୍ତେ ଧ୍ୟାନଦେବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ସୁବର୍ଣ୍ଣ ଜୟନ୍ତୀ କମିଟି ଅଧକ୍ଷ ତଥା ସ୍ଥାନୀୟ ବିଧାୟକ ବ୍ରଜକିଶୋର ପ୍ରଧାନ ଅଧ୍ୟକ୍ଷତା କରି ତାଳଚେର କଲେଜକୁ ପବିତ୍ରମୋହନ ୟୁନିଭରସିଟି କରାଯିବା ନିମନ୍ତେ ମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ଏଥିସହ ପ୍ରସ୍ତୁତ ଏକ ଡିପିଆର୍ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିବା ବିଧାୟକ ସୂଚନା ଦେଇଥିଲେ। ଆଗାମୀ ଫେବୃୟାରୀରେ ହେବାକୁ ଥିବା ସୁବର୍ଣ୍ଣ ଜୟନ୍ତୀ ସମାରୋହକୁ ସଫଳ କରିବା ପାଇଁ ବିଧାୟକ ସମସ୍ତଙ୍କ ସହଯୋଗ କାମନା କରିଥିଲେ। କଲେଜ ଅଧକ୍ଷ ଅଶୋକ କୁମାର ଶର୍ମା ସ୍ୱାଗତ ଭାଷଣ, ଅଧ୍ୟାପକ ନିମାଇଁ ଚରଣ ପ୍ରଧାନ ଅତିଥି ପରିଚୟ ଓ ଆବାହକ ତଥା ଅଧ୍ୟାପକ ବିରଞ୍ଚି ନାରାୟଣ ସାମଲ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅତିଥିମାନେ ସୁବର୍ଣ୍ଣ ଜୟନ୍ତୀ ପ୍ରତୀକକୁ ଉନ୍ମୋଚନ କରି ତାଳଚେର ବିଧାୟକଙ୍କୁ ହସ୍ତାନ୍ତର କରିଥିଲେ। ସକାଳେ ସୁବର୍ଣ୍ଣ ଜୟନ୍ତୀ ପ୍ରତୀକକୁ ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇ ଶୋଭାଯାତ୍ରାରେ ସହର ପରିକ୍ରମା କରି କଲେଜକୁ ଅଣାଯାଇଥିଲା।



ଲୋଗୋ ଉନ୍ମୋଚନ ଉତ୍ସବରେ ଅତିଥିମାନେ।

"ଫର୍ମ ନଂ. ଆଇଏନ୍‌ସି-୨୬"
[କମ୍ପାନୀ (ଇନ୍‌କର୍ପୋରେଶନ୍) ନିୟମାବଳୀ, ୨୦୧୪ର ନିୟମ ୩୦(୫)(କ) ଆଧାରରେ]
କମ୍ପାନୀର ପଞ୍ଜୀକୃତ କାର୍ଯ୍ୟାଳୟ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ପରିବର୍ତ୍ତନ ହେବା ପାଇଁ ବିଜ୍ଞାପନ
**କେନ୍ଦ୍ର ସରକାର, ପୂର୍ବାଞ୍ଚଳ, ଏମ୍‌ସିଏଙ୍କ ସମ୍ମୁଖରେ**
କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୧୩ର ଉପଧାରା (୪) ଏବଂ କମ୍ପାନୀ (ଇନ୍‌କର୍ପୋରେଶନ୍) ନିୟମାବଳୀ, ୨୦୧୪ର ନିୟମ ୩୦ର ଉପ-ନିୟମ (୫)ର ଅନୁଚ୍ଛେଦ (କ) ମାମଲାରେ
ଏବଂ
**ଶ୍ରୀ ଜଗନ୍ନାଥ ସିମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ (ସିଆଇଏନ୍ ନଂ.: ୟୁ୨୬୯୪୨ଓଆର୍୧୯୮୭ ପିଟିସି୦୦୧୮୦୯** ପଞ୍ଜୀକୃତ କାର୍ଯ୍ୟାଳୟ: ପ୍ଲଟ୍ ନଂ.୧୨୬୭/୨୬୧୩, କେନାଲ ରୋଡ୍, ଗୋବିନ୍ଦ ପ୍ରସାଦ, ବମିଖାଲ, ଭୁବନେଶ୍ୱର, ଖୋର୍ଦ୍ଧା-୭୫୧୦୦୬, ଓଡ଼ିଶା, ଭାରତର ମାମଲାରେ
ଏତଦ୍ୱାରା ସର୍ବସାଧାରଣଙ୍କୁ ନୋଟିସ ପ୍ରଦାନ କରାଯାଉଛି ଯେ କମ୍ପାନୀ ତା୧୬।୧୨।୨୦୧୯ରିଖରେ ଅନୁଷ୍ଠିତ ଅତିରିକ୍ତ ସାଧାରଣ ବୈଠକରେ ଗୃହୀତ ସ୍ୱତନ୍ତ୍ର ସଂକଳ୍ପ ଅନୁଯାୟୀ କମ୍ପାନୀର ସଂସ୍ଥା ଜ୍ଞାପକରେ ସଂଶୋଧନ ଲାଗି ଅନୁମତି ପାଇଁ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୧୩ ଅଧୀନରେ କେନ୍ଦ୍ର ସରକାରଙ୍କ ନିକଟରେ ଆବେଦନ କରିବାର ପ୍ରସ୍ତାବ ରଖିଛି, ଯାହା କମ୍ପାନୀକୁ ଏହାର ପଞ୍ଜୀକୃତ କାର୍ଯ୍ୟାଳୟକୁ **"ଓଡ଼ିଶା ରାଜ୍ୟ"**ରୁ **"ପଶ୍ଚିମବଙ୍ଗ ରାଜ୍ୟ"**କୁ ପରିବର୍ତ୍ତନ କରିବାରେ ସକ୍ଷମ କରିବ।
କମ୍ପାନୀର ପ୍ରସ୍ତାବିତ ପଞ୍ଜୀକୃତ କାର୍ଯ୍ୟାଳୟ ପରିବର୍ତ୍ତନ କାରଣରୁ ଯଦି କୌଣସି ବ୍ୟକ୍ତିବିଶେଷଙ୍କ ସ୍ୱାର୍ଥ ପ୍ରଭାବିତ ହେବାର ସମ୍ଭାବନା ଥାଏ ତେବେ ସେ ଏମ୍‌ସିଏ-୨୧ ପୋର୍ଟାଲ **(www.mca.gov.in)ରେ ନିବେଶକ ଅଭିଯୋଗ ଫର୍ମ ଦାଏର କରିପାରିବେ** କିମ୍ବା ତାଙ୍କର ସ୍ୱାର୍ଥ ତଥା ଆପତ୍ତିର କାରଣ ଦର୍ଶାଇ ସତ୍ୟପାଠ ସହିତ ନିଜର ଆପତ୍ତିକୁ ପଞ୍ଜୀକୃତ ଡାକ ମାଧ୍ୟମରେ ଆଞ୍ଚଳିକ ନିର୍ଦ୍ଦେଶକଙ୍କ ନିକଟକୁ ପୂର୍ବାଞ୍ଚଳ, ନିଜାମ ପ୍ୟାଲେସ୍, II ଏମ୍‌ଏସ୍‌ଓ ବିଲ୍ଡିଂ, ୩ୟ ମହଲା, ୨୩୪/୪, ଏ.ଜେ.ସି. ବୋଷ ରୋଡ୍, କୋଲକାତା-୭୦୦୦୨୦ ଠିକଣାରେ ଏହି ନୋଟିସ ପ୍ରକାଶନ ତାରିଖରୁ ଚଉଦ ଦିନ ମଧ୍ୟରେ ପଠାଇବା ସହିତ ଏହାର ଏକ ପ୍ରତିଲିପି ଆବେଦନକାରୀ କମ୍ପାନୀର ଉପରୋକ୍ତ ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣାରେ ପ୍ରେରଣ କରିବେ।
**ଶ୍ରୀ ଜଗନ୍ନାଥ ସିମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍** ପାଇଁ ଏବଂ ତରଫରୁ
ସ୍ୱା./-
ପୱନ କୁମାର ଅଗରୱାଲ
ତାରିଖ: ୧୯।୧୨।୨୦୧୯ ନିର୍ଦ୍ଦେଶକ
ସ୍ଥାନ: କୋଲକାତା ଡିଆଇଏନ୍: ୦୧୦୨୯୪୫୩

**ZILLA SWASTHYA SAMITI, NABARANGPUR**
**OFFICE OF CDM & PHO-cum-**
**District Mission Director**
**NABARANGPUR**

**Advt. No.10204** **ADVERTISEMENT** **Date: 17.12.2019**

Applications are invited from the eligible candidates for filling of various posts under National Health Mission (NHM), Nabarangpur on Contractual basis with Nos. of vacancy, monthly remuneration as noted against each and subject to renewal as per OSH & FW Society norms and conditions.

Interested Candidates fulfilling the criteria can log on to **www.nabarangpr.nic.in** for details of vacancy, eligibility criteria, Age, Remuneration, Application forms and other terms conditions. The candidates are advised to send their self attested photocopies of the all educational certificates in support of their Date of Birth, Two recent passport photographs and other eligibility criteria etc. along with the completed prescribed Application form as hoisted in the website and can apply to the **CDM & PHO, Nabarangpur AT/PO- Rangmatiguda district-Nabarangpur. PIN-764059.** Through registered Post / Speed Post only on or before **06.01.2020 by 5 P.M.** The envelope containing the application should be superscribed clearly the name of the post applied for....... The number of vacancies shown is provisional and it may be changed depending upon the actual requirement and vacancies. The candidates are requested to logon District website of Nabarangpur **www.nabarangpur.nic.in** regarding notification of selection process/ Shortlisted candidates / updated result / notification etc. The undersigned reserves the right for any modification / cancellation of advertisement without assigning any reason thereof.

**Sd./-**
**(Dr. Sontosh Kumar Swain)**
**CDM & PHO-cum-**
**District Mission Director**

## ଆଜି କ'ଣ କେଉଁଠି

**ଅନୁଗୋଳ**

■ଜେସିଆଇ ଅନୁଗୋଳ ଜିଲାର ୮ମ ସ୍ଥାପନ ଉତ୍ସବ
ସ୍ଥାନ: ହୋଟେଲ ଆସିଆନ୍
ସମୟ: ସନ୍ଧ୍ୟା ୬.୩୦।

■ଦିଲ୍ଲୀ ପବ୍ଲିକ ସ୍କୁଲରେ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟନ
ସ୍ଥାନ: ନାଲ୍‌କୋ ନଗର
ସମୟ: ପୂର୍ବାହ୍ନ ୮ଟା।

## ସଂକ୍ଷେପରେ

### ୧୩ ଶହ ଟଙ୍କା ଜରିମାନା ଆଦାୟ

**ଅନୁଗୋଳ ଅଫିସ, ୧୮।୧୨:** ଅନୁଗୋଳ ପୌରପାଳିକା ପକ୍ଷରୁ ବୁଧବାର ଅପରାହ୍ନରେ ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ଚଢ଼ାଉ କରାଯାଇ ପ୍ରାୟ ୧୦ କିଲୋଗ୍ରାମ ପଲିଥିନ୍ ଜବତ କରାଯାଇଛି। ଏଥିସହିତ ପଲିଥିନ ବିକ୍ରି କରୁଥିବା ଦୋକାନୀଙ୍କଠାରୁ ୧୩ ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ଅନ୍ୟପକ୍ଷରେ ପୌରପାଳିକାର ଏହି ଲୋକ ଦେଖାଣିଆ ଧରପକଡ଼କୁ ନେଇ ଦୋକାନୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

### ଚିକିତ୍ସାଧୀନ ଅବସ୍ଥାରେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ

**ଅନୁଗୋଳ ଅଫିସ, ୧୮।୧୨:** ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧିନ ଅବସ୍ଥାରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ଖବରପାଇ ଅନୁଗୋଳ ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ଉଦ୍ଧାର କରାଯାଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମୃତକଙ୍କ ପରିଚୟ ମିଳି ନ ଥିବାରୁ ମୃତଦେହକୁ ଶବାଗାରରେ ରଖିଯାଇଥିବା ଅନୁଗୋଳ ପୋଲିସ ପକ୍ଷରୁ କୁହାଯାଇଛି।

■ଜିଲା ପରିଷଦ ବୈଠକରେ ଜନପ୍ରତିନିଧିଙ୍କ ଅଭିଯୋଗ

# ଠିକ୍ ଭାବେ କାର୍ଯ୍ୟକାରୀ ହେଉନି ସରକାରୀ ଯୋଜନା

**ଅନୁଗୋଳ ଅଫିସ, ୧୮।୧୨**



ବୈଠକରେ ଉପସ୍ଥିତ ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ।

■ପାନୀୟ ଜଳ, ରାସ୍ତା, ୧୦ ବର୍ଷ ରହିଥିବା ଶିକ୍ଷକଙ୍କ ବଦଳି ଦାବି
■ଧାନ ବିକ୍ରି ସମସ୍ୟା ନେଇ ଯୋଗାଣ ବିଭାଗ ଉପରେ ଖପ୍ପା
■ସମସ୍ୟା ସମାଧାନ ପାଇଁ ଜିଲାପାଳ ଦେଲେ ପରାମର୍ଶ

ଅନୁଗୋଳ ଜିଲା ପରିଷଦର ୫୦ତମ ସାଧାରଣ ବୈଠକ ବୁଧବାର ଜିଲା ପରିଷଦ ସମ୍ମିଳନୀ ଗୃହରେ ସଭାପତି ବାସନ୍ତୀ କିଷାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ସୁନୀଲ କୁମାର ପ୍ରଧାନ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ପରେଶ ଦେଓ ଏବଂ ଅନୁଗୋଳ ବିଧାୟକଙ୍କ ପ୍ରତିନିଧି ବାଉରୀବନ୍ଧୁ ସାହୁ ପ୍ରମୁଖ ଯୋଗଦେଇଥିଲେ। ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନ ଯୋଜନାର ସୁଫଳ କିପରି ଲୋକମାନଙ୍କ ନିକଟରେ ପହଞ୍ଚିବ ସେ ନେଇ ବିଭାଗୀୟ ଅଧିକାରୀ ଲୋକ ପ୍ରତିନିଧିଙ୍କ ସହ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ସଭାପତି କିଷାନ ପରାମର୍ଶ ଦେଇଥିଲେ। ଜିଲାପାଳ ମନୋଜ କୁମାର ମହାନ୍ତି ସରକାରଙ୍କ ବିଭିନ୍ନ ଯୋଜନାର ରୂପରେଖ ସମ୍ପର୍କରେ ଆଲୋକପାତ କରିଥିବା ବେଳେ ଜନପ୍ରତିନିଧିମାନେ ଠିକଣା ଭାବେ ଏହା କାର୍ଯ୍ୟକାରୀ ହେଉ ନ ଥିବା ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ।

ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ ୫ଟି ଷ୍ଟାଣ୍ଡିଂ କମିଟିର ନିଷ୍ପତ୍ତି ଗୁଡ଼ିକୁ ଆଲୋଚନା ପାଇଁ ବୈଠକରେ ଉପସ୍ଥାପନ କରିଥିଲେ। ପୂର୍ବ ସଭାର ଅଧିକାଂଶ ନିଷ୍ପତ୍ତି ଓ ପ୍ରସ୍ତାବ କାର୍ଯ୍ୟସୂଚୀରେ ସ୍ଥାନ ପାଇ ନ ଥିବାରୁ ସଦସ୍ୟାସଦସ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ଜିଲାର କିଛି ଉପାନ୍ତ ଅଞ୍ଚଳରେ ପାନୀୟ ଜଳ ବ୍ୟବସ୍ଥା ନ ଥିବାରୁ ଜନପ୍ରତିନିଧିମାନେ ଆରଡବ୍ଲ୍ୟୁଏସ୍ଏସ୍ ଅଧିକାରୀଙ୍କ ଉପରେ ବର୍ଷିଥିଲେ। ବ୍ଲକ କାର୍ଯ୍ୟାଳୟ ନିକଟ ଗ୍ରାମଗୁଡ଼ିକରେ ପାନୀୟ ଜଳ ମିଳୁ ନ ଥିବା ସେମାନେ ଅଭିଯୋଗ କରିଥିଲେ। ଏଥିସହ ଧାନ ମଣ୍ଡି ଖୋଲିବା ଓ କୃଷକମାନଙ୍କ ଅନ୍‌ଲାଇନ ପଞ୍ଜୀକରଣ ସମ୍ପର୍କରେ ଲୋକମାନେ ସଚେତନ ହୋଇ ନ ଥିବା ଅଭିଯୋଗ କରି ସେମାନେ ଯୋଗାଣ ବିଭାଗ ଉପରେ ଖପ୍ପା ହୋଇଥିଲେ। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୧୦ ଲକ୍ଷ ୬୨ ହଜାର ୫୮୧ ଶ୍ରମ ଦିବସ ସୃଷ୍ଟି ହୋଇଛି ବୋଲି ପିଡି କହିଥିଲ ହେଁ ଏହି ଶ୍ରମ ଦିବସ ଲୋକଙ୍କୁ ଠିକ୍ ଭାବେ ପ୍ରଦାନ କରାଯାଉ ନ ଥିବା ଆଠମଲ୍ଲିକ ବିଧାୟକ ସାଏ ଅଭିଯୋଗ କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ର ପ୍ରଥମ କିସ୍ତିରେ ୮୭୩୬ ଘର ପାଇଁ ଅର୍ଥ ମଞ୍ଜୁର ହୋଇଥିବାବେଳେ ୧୬୫୯ଟି ଘର ସମ୍ପୂର୍ଣ୍ଣ ହୋଇଛି। ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ବର୍ତ୍ତମାନ ସୁଦ୍ଧା ୮୩୯ଟି ସମ୍ପୂର୍ଣ୍ଣ ହୋଇଛି। ୨୦୧୯-୨୦ ଆର୍ଥିକ ବର୍ଷରେ ଜିଲାର ୬୧୭୧ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୮୫୪୫.୭୭ ଲକ୍ଷ ଟଙ୍କାର ଋଣ ଯୋଗାଇ ଦିଆଯିବାର ଲକ୍ଷ୍ୟ ରଖାଯାଇଛି। ତେବେ କେତେକ ନିର୍ଦ୍ଦିଷ୍ଟ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରାଧାନ୍ୟ ଦିଆଯାଉଥିବା ନେଇ ବୈଠକରେ ଅଭିଯୋଗ ଉଠିଥିଲା। ସେହିପରି ଗୃହପାଳିତ ପଶୁମାନଙ୍କ ପାଇଁ ଗୁହାଳ ନିମନ୍ତେ ଚାଷୀଙ୍କୁ ସହାୟତା, ରାସ୍ତା ସମସ୍ୟା, ଶିକ୍ଷାନୁଷ୍ଠାନକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଗୋଟିଏ ସ୍କୁଲରେ ୧୦ ବର୍ଷରୁ ଊର୍ଦ୍ଧ୍ୱ ରହିଥିବା ଶିକ୍ଷକମାନଙ୍କୁ ବଦଳି କରାଯିବା ନିମନ୍ତେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏ ସବୁ ସମସ୍ୟା ଓ ଅଭିଯୋଗର ସମାଧାନ ନିମନ୍ତେ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଜିଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୈଠକରେ କୌଣସି ଆଲୋଚନା ହୋଇ ନ ଥିଲା। କାଳିଆ ଯୋଜନା ନେଇ କେହି କିଛି ଜାଣି ନ ଥିବା କଥା କହିଥିଲେ। ଏହି ସଭାରେ ଜିଲା ପରିଷଦର ସମସ୍ତ ସଦସ୍ୟା, ସଦସ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଅଧ୍ୟକ୍ଷଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ତେବେ ଅପରାହ୍ନ ୨ଟା ୪୫ରେ ହଠାତ୍ ଛେଣ୍ଡିପଦା ବିଧାୟକ ବେହେରା ରାଗିଯାଇ ୨ଟା ପରେ ବୈଠକ ହେଲେ ସେ ଚାଲିଯିବେ ବୋଲି କହିଥିବା ଦେଖିବାକୁ ମିଳିଥିଲା।

### ତଥ୍ୟକୁ ନେଇ ପ୍ରଶ୍ନ ଉଠାଇଲେ ମୁକେଶ

ବୈଠକରେ ପାନୀୟ ଜଳ ସମସ୍ୟା ନେଇ ଆଲୋଚନା ବେଳେ ଜିଲାର ମାତ୍ର ୭ଟି ବିଦ୍ୟାଳୟକୁ ବାଦ୍ ଦେଲେ ଅନ୍ୟ ସବୁଠି ନଳକୂପ ରହିଥିବା ଆରଡବ୍ଲ୍ୟୁଏସ୍ଏସ୍ ଅଧିକାରୀ କହିଥିଲେ। ଏପରି ତଥ୍ୟକୁ ନେଇ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ ବିରକ୍ତି ପ୍ରକାଶ କରିଥିଲେ। ଶିକ୍ଷା ବିଭାଗ ରିପୋର୍ଟ ଅନୁଯାୟୀ ୧୬ଟି ବିଦ୍ୟାଳୟରେ ନଳକୂପ ନ ଥିବାବେଳେ ଆର୍‌ଡବ୍ଲ୍ୟୁଏସ୍ଏସ୍ ଅଧିକାରୀଙ୍କ ତଥ୍ୟ କେତେ ସତ୍ୟ ବୋଲି ସେ ପ୍ରଶ୍ନ କରିଥିଲେ।

### 'କାଳିଆ' ତଥ୍ୟ ନାହିଁ: ସୁଶାନ୍ତ

ବୈଠକରେ କାଳିଆ ଯୋଜନା ସମ୍ପର୍କରେ ଜନପ୍ରତିନିଧିମାନେ ଜିଲା ପ୍ରଶାସନକୁ ବିଭିନ୍ନ ପ୍ରଶ୍ନ କରିଥିଲେ। ଏହି ସମୟରେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା କହିଥିଲେ, ଖୋଦ୍ କୃଷି ମନ୍ତ୍ରୀଙ୍କୁ ଏହି ଯୋଜନାରେ କିଏ ସାମିଲ, କିଏ ସାମିଲ ହୋଇନାହାନ୍ତି ଜଣା ନ ଥିବା ବେଳେ ଜିଲାପାଳ ଜାଣିବେ କେଉଁଠୁ ବୋଲି ଉତ୍ତର ଦେଇଥିଲେ। ସେହିପରି ଜିଲାରେ ଡାକ୍ତର, ଫାର୍ମାସିଷ୍ଟ ନ ଥିବା ବେଳେ ସ୍ୱାସ୍ଥ୍ୟସେବା ନେଇ ଆଲୋଚନା ଭୂତ ଚାଷ ସଙ୍ଗେ ସମାନ ବୋଲି ବିଧାୟକ ବେହେରା ମତ ରଖିଥିଲେ।

# ହଳଦିଆ ବାହାଳରେ ହାତୀ ଆତଙ୍କ

**ଓଡ଼ାପଡ଼ା,୧୮।୧୨(ଡି.ଏନ.ଏ.)**


ହାତୀ ଭାଙ୍ଗି ଦେଇଥିବା ଘର।

■ଧାନ ବିଲରେ ୬୦ ହାତୀ
■ଫସଲ ଉଜାଡିଲେ, ଘର ଭାଙ୍ଗିଲେ

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ମେରାମଣ୍ଡଳୀ ସେକ୍ସନ ଅଞ୍ଚଳରେ ୬୦ ହାତୀ ଉପଦ୍ରବ ଚଳାଇଛନ୍ତି। ଫଳରେ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ବୁଧବାର ପ୍ରାୟ ଭୋର ସମୟରେ ଉକ୍ତ ହାତୀପଲ ବ୍ରାହ୍ମଣୀ ନଦୀ ପାର ହୋଇ ସୁରଭୀ, ବିଡ଼ୋ, ତାଳଡଙ୍ଗା ଓ ରଞ୍ଜାସିଙ୍ଗା ଆଦି ଅଞ୍ଚଳରେ ଥିବା ଧାନଚାଷ ଜମିରେ ପଶି ବହୁ ପରିମାଣର ଧାନ ଫସଲ ନଷ୍ଟ କରିଛନ୍ତି। ସେହିପରି ଉକ୍ତ ହାତୀପଲ ବିଡୋ ଗ୍ରାମରେ ପଶି ଭ୍ରମରବର ମହାଳିକଙ୍କର ଚାଳ ଘରକୁ ଭାଙ୍ଗି ଦେଇଛନ୍ତି। ଏଥିସହିତ ଘରେ ଥିବା ଧାନ, ଚାଉଳ ଆଦିକୁ ଖାଇଦେଇଥିବା ବେଳେ କେତେକ ଖଳାରୁ କଟା ହୋଇ ରଖାଯାଇଥିବା ଧାନ ବିଡ଼ା ସବୁକୁ ମଧ୍ୟ ନଷ୍ଟ କରି ଦେଇଛନ୍ତି। ସକାଳ ହେବା ପରେ ଉକ୍ତ ହାତୀପଲ ପୁଣି ଥରେ ବ୍ରାହ୍ମଣୀ ନଦୀ ସେପାଖକୁ ପଳାଇଯାଇଥିବା ବେଳେ ବୁଧବାର ସନ୍ଧ୍ୟାରେ ପୁଣି ଥରେ ଉକ୍ତ ଅଞ୍ଚଳ ଆଡ଼କୁ ମୁହାଁଇଥିଲେ। କର୍ମଚାରୀମାନେ ହାତୀପଲ ଉପରେ ନଜର ରଖିଥିବା ବନବିଭାଗ ସୂତ୍ରରୁ ପ୍ରକାଶ।

## କୋଇଲା ଜବତ, ୩ ଗିରଫ

**ଅନୁଗୋଳ ଅଫିସ,୧୮।୧୨**

ଅନୁଗୋଳ ଜିଲା ନତଡ଼ା ଜଙ୍ଗଲରେ ଅନୁଗୋଳ ପୋଲିସ ଚଢାଉ କରି ଗଚ୍ଛିତ ଥିବା ୨୪ ଟନ୍ ଚୋରା କୋଇଲା ଜବତ କରିଛି। ଏହି ଘଟଣାରେ ନତଡ଼ା ଅଞ୍ଚଳର ପ୍ରତାପ କୁମାର ସାହୁ, ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବାଙ୍ଗୁର ଗ୍ରାମର ଲିଙ୍ଗରାଜ ବ୍ରହ୍ମା ଓ ଟଙ୍କଧର ସାମଲଙ୍କୁ ଗିରଫ କରାଯାଇଛି।

ପୋଲିସ କହିଛି, ଅଭିଯୁକ୍ତମାନେ ନତଡ଼ା ଜଙ୍ଗଲରେ ଚୋରା କୋଇଲା ଡିପୋ କରି କୋଇଲା ଗଚ୍ଛିତ ପରେ ଏହାକୁ ବିକ୍ରି କରୁଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବରପାଇ ପୋଲିସ ଚଢାଉ କରିଥିଲା। ଉକ୍ତ କୋଇଲା ତାଳଚେର ବଳରାମ ମାଇନ୍ସରୁ ଚୋରାରେ ଆସୁଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ଅନୁଗୋଳ ପୋଲିସ ପକ୍ଷରୁ ଏଥିପୂର୍ବରୁ ୪ ଚୋରା କୋଇଲା ମାଫିଆଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା।

# 'ଶିଶୁଙ୍କୁ ସଂସ୍କାରମୂଳକ ବ୍ୟବହାର ଶିଖାଅ'


ସମ୍ମିଳନୀରେ ଭାଗ ନେଇଥିବା ଜେଜେମା'ମାନେ।

**ବଇଣ୍ଡା,୧୮।୧୨(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡା ସରସ୍ୱତୀ ଶିଶୁ ମନ୍ଦିରରେ ବୁଧବାର ଜେଜେ ବାପା ଓ ଜେଜେ ମା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ବାଲ୍ ଶିବିର ଓ କନ୍ୟା ଶିବିର ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ରବିନ୍ଦ୍ରନାଥ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ କାଞ୍ଚନବାଳା ପ୍ରଧାନ ଯୋଗଦେଇ ଉକ୍ତ ସମ୍ମିଳନୀ ଆଭିମୁଖ୍ୟ ସମ୍ପର୍କରେ ମତ ପ୍ରକାଶ କରିବାସହ ପରିବାର ମଧ୍ୟରେ ଶିଶୁମାନଙ୍କୁ ସ୍ନେହ ଶ୍ରଦ୍ଧା ସହ ସଂସ୍କାରମୂଳକ ବ୍ୟବହାର ଶିଖାଇବା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିରଞ୍ଚି ନାୟକ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଦୟାନିଧି ପ୍ରଧାନ, ବିଦ୍ୟାଳୟ ସଭାପତି ସନାତନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ଅଞ୍ଚଳରୁ ଜେଜେ ବାପା ଜେଜେ ମା'ମାନେ ଯୋଗଦେଇଥିଲେ। ଏଥିସହିତ ସ୍ୱତନ୍ତ୍ର ଅତିଥି ଭାବେ ଗୌରୀ ଶତପଥୀ ଯୋଗଦେଇ କନ୍ୟା ଓ ବାସ ଶିବିର ସମ୍ପର୍କରେ ମତ ପ୍ରକାଶ କରିଥିଲେ। ଜ୍ୟୋସ୍ନାମୟୀ ପ୍ରଧାନ ଧନ୍ୟବାଦ ଦେଇଥିବାବେଳେ ଅନ୍ନପୂର୍ଣ୍ଣା ରାଉତ, ଗୋଲାପ ସ୍ୱାଇଁ, ପ୍ରମୋଦିନୀ ପ୍ରଧାନ, ଶୁଭଶ୍ରୀ ରାଉଳ, ପ୍ରମୋଦ ସ୍ୱାଇଁ ପରିଚାଳନା କରିଥିଲେ।

# ବର୍ଦ୍ଧିତ ହାରରେ କ୍ଷତିପୂରଣ ପ୍ରଦାନ ଦାବି


ବୈଠକରେ ସମ୍ବଲପୁର ଏମ୍‌ପିଙ୍କ ସହ ଗ୍ରାମବାସୀ।

**ଛେଣ୍ଡିପଦା,୧୮।୧୨(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକରେ ଉତ୍କଳ-ଡି କୋଲ୍‌ବ୍ଲକ ପାଇଁ ଅଧିଗ୍ରହଣ ହୋଇଥିବା ରାଇଝରଣ ଗ୍ରାମବାସୀଙ୍କ ଜମି ବାବଦରେ ବର୍ଦ୍ଧିତ ହାରରେ କ୍ଷତିପୂରଣ ପ୍ରଦାନ କରାଯିବାକୁ ଦାବି ହୋଇଛି। ବୁଧବାର ସମ୍ବଲପୁର ଏମ୍‌ପି ନୀତୀଶ ଗଙ୍ଗଦେବ ଗ୍ରାମକୁ ଗସ୍ତ କରିଥିବାବେଳେ ଗ୍ରାମବାସୀ ଏ ସଂକ୍ରାନ୍ତରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ମୁତାବକ, ୧୫ ବର୍ଷ ପୂର୍ବରୁ ଉତ୍କଳ-ଡି କୋଲବ୍ଲକ ନିମନ୍ତେ ଗ୍ରାମବାସୀଙ୍କ ଜମି ଅଧିଗ୍ରହଣ ହୋଇଥିଲା। ତେବେ କ୍ଷତିପୂରଣ ବାବଦ ଅର୍ଥକୁ ନେଇ ଜମିହରାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଯିବାରୁ ପ୍ରଶାସନ ପକ୍ଷରୁ ଆଉ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଦୀର୍ଘ ବର୍ଷ ପରେ ଗତ ୧୪।୮।୨୦୧୯ରେ ପୁନର୍ବାସ ଓ ଥଇଥାନ ସମ୍ପର୍କିତ ଚିଠି ଅନୁଗୋଳ ଜିଲାପାଳଙ୍କ ପକ୍ଷରୁ ଗ୍ରାମବାସୀଙ୍କୁ ପ୍ରଦାନ କରାଯାଇଥିଲା। ଏହାକୁ ଗ୍ରାମବାସୀ ବିରୋଧ କରିବା ସହ ୨୦୧୩ ଜମି ଅଧିଗ୍ରହଣ ଆଇନ ଅନୁଯାୟୀ ଜମିହରା ଓ କ୍ଷତିଗ୍ରସ୍ତ ପ୍ରଜାମାନଙ୍କୁ ବର୍ଦ୍ଧିତ ହାରରେ କ୍ଷତିପୂରଣ ପ୍ରଦାନ, ବିସ୍ଥାପନ ନିୟମ ଅନୁଯାୟୀ ଗ୍ରାମବାସୀଙ୍କୁ ପୁନର୍ବାସ ଓ ଥଇଥାନ କରାଯିବାକୁ ଦାବି କରିଛନ୍ତି। ଏଥିସହ ଏ ସଂକ୍ରାନ୍ତରେ ଏକ ଦାବିପତ୍ର ଜିଲାପାଳଙ୍କୁ ମଧ୍ୟ ପ୍ରଦାନ କରାଯାଇଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ କରିବାକୁ ଏମ୍‌ପି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା, ଜିଲା ସାଧାରଣ ସମ୍ପାଦକ ଚୌଧୁରୀ ପ୍ରଧାନ, ସମ୍ପାଦକ ବିଜୟ କୁମାର ମାଝି, ପୂର୍ବତନ ସରପଞ୍ଚ ଭୁବନ ଦେହୁରୀ, ଗୋବିନ୍ଦ ନାଏକ, ପ୍ରଶାନ୍ତ ସେଠି, ବନବିହାରୀ ପଟ୍ଟନାୟକ, ସଞ୍ଜୟ ପ୍ରଧାନଙ୍କ ସମେତ ୩ ଶହରୁ ଊର୍ଦ୍ଧ୍ୱ କ୍ଷତିଗ୍ରସ୍ତ ପ୍ରଜା ଉପସ୍ଥିତ ଥିଲେ।

■ଶକ୍ତି, ଶିଳ୍ପ ଓ ଗୃହ ମନ୍ତ୍ରୀଙ୍କ ସମୀକ୍ଷା

# ୯ ସୁଦ୍ଧା ଏନ୍‌ଟିପିସି କାର୍ଯ୍ୟର ପ୍ରଗତି ଜଣାଇବାକୁ ନିର୍ଦ୍ଦେଶ

**ଢେଙ୍କାନାଳ ଅଫିସ, ୧୮।୧୨**


ଶକ୍ତି, ଶିଳ୍ପ ଓ ଗୃହ ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଢେଙ୍କାନାଳ ଡିଆରଡିଏ ସମ୍ମିଳନୀ କକ୍ଷରେ ସମୀକ୍ଷା କରୁଛନ୍ତି।

■ହାତୀ ଯାତାୟାତ ପଥରୁ ହଟିବ ବିଦ୍ୟୁତ୍ ତାର
■ବକେୟା ବିଦ୍ୟୁତ୍ ଦେୟ ନ ଦେଲେ କାର୍ଯ୍ୟାନୁଷ୍ଠାନ
■ବଢୁଛି ବେଆଇନ ପଥରଖଣି, ଚୋରା ମଦ କାରବାର
■ନିୟମ ଉଲ୍ଲଂଘନକାରୀ ଚାଳକଙ୍କଠାରୁ ୧୯ କୋଟି ଆଦାୟ

ଢେଙ୍କାନାଳ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ବୁଧବାର ସନ୍ଧ୍ୟା ୬ଟାରେ ରାଜ୍ୟ ଶକ୍ତି, ଶିଳ୍ପ, ଅଣୁ କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ଓ ଗୃହ ରାଷ୍ଟ୍ରମନ୍ତ୍ରୀ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ବିଭାଗୀୟ କାର୍ଯ୍ୟଗୁଡିକର ସମୀକ୍ଷା କରିଛନ୍ତି। ସମୀକ୍ଷା ବୈଠକରେ ଜିଲା ଗ୍ରାମ୍ୟ ବିଦ୍ୟୁତୀକରଣ କାର୍ଯ୍ୟକ୍ରମ ବାବଦରେ ସେସୁ ପକ୍ଷରୁ ବିସ୍ତୃତ ତଥ୍ୟ ପ୍ରଦାନ କରାଯାଇଥିଲା। ୭୭୬ଟି ଗ୍ରାମରୁ ୭୧୩ଟିରେ ଏହି ଯୋଜନାରେ କାର୍ଯ୍ୟ ଶେଷ ହୋଇଥିବା ସେସୁ ପକ୍ଷରୁ ସୂଚନା ଦିଆଯାଇଥିଲା । ହିନ୍ଦୋଳ ଓ ଓଡାପଡା ବ୍ଲକର ଅଧିକାଂଶ ଗ୍ରାମରେ ଏହି ଯୋଜନା ଶେଷ ହୋଇନାହିଁ । ଆସନ୍ତା ଫେବୃୟାରୀ ୨୦୨୦ ସୁଦ୍ଧା ସୌଭାଗ୍ୟ ଓ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ ବିଦ୍ୟୁତ ଯୋଜନାରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ସେସୁ ନିର୍ବାହୀଯନ୍ତ୍ରୀ ସ୍ୱପ୍ନସରିତ ମିଶ୍ର ଜଣାଇଥିଲେ । ସେହିପରି ଆସନ୍ତା ଜାନୁୟାରୀ ୯ ତାରିଖ ସୁଦ୍ଧା ଏନ୍‌ଟିପିସି କରୁଥିବା ପ୍ରକଳ୍ପ କାର୍ଯ୍ୟର ପ୍ରଗତି ଜଣାଇବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଓଡ଼ାପଡ଼ା ବ୍ଲକର ଘଟିପିରି ଓ କଙ୍କଡାହାଡ ବ୍ଲକର ବିରାଶାଳ ବିଦ୍ୟୁତ ପ୍ରକଳ୍ପରେ ଥିବା ପ୍ରତିବନ୍ଧକ ଶୀଘ୍ର ଦୂର କରିବା ପାଇଁ ଜିଲାପାଳ ଓ ଏସ୍‌ପିଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ହାତୀ ଯାତାୟାତ ପଥରେ ବିଦ୍ୟୁତ ତାର ହଟାଇବାକୁ ପରାମର୍ଶ ଦେଇଥିଲେ। ସେହିପରି ଫନି ଦ୍ୱାରା କ୍ଷତିଗ୍ରସ୍ତ ବିଦ୍ୟୁତ ପ୍ରକଳ୍ପ ଗୁଡିକୁ ଆର୍ଥିକ ଅନୁଦାନ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ପରିସରରୁ ସମସ୍ତ ବିଦ୍ୟୁତ ସବ୍‌ଷ୍ଟେଶନ ତୁରନ୍ତ ହଟାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲାରେ ବକେୟା ଥିବା ବିଦ୍ୟୁତ୍ ଦେୟ ତୁରନ୍ତ ଆଦାୟ କରିବା ସହ ଦେୟ ବକେୟା ରଖିଥିବା ଗ୍ରାହକମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମନ୍ତ୍ରୀ କହିଥିଲେ । ସମସ୍ତ ପୁରୁଣା ବିଦ୍ୟୁତ୍ ତାର ବଦଳାଯିବା ସହ ବିଦ୍ୟୁତ୍ ଶ୍ରମିକମାନଙ୍କୁ ନିରାପତ୍ତା ଯୋଗାଇଦେବାକୁ ସେ ପରାମର୍ଶ ଦେଇଥିଲେ । ଜିଲାର ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ସୂଚନା ଦେଇ ଏସ୍‌ପି ଅନୁପମା ଜେମ୍‌ସ କହିଲେ ଯେ, ୨୦୧୯ରେ ଜିଲାରେ ୨୮୬୦ଟି ମାମଲା ପଞ୍ଜୀକୃତ ହୋଇଛି। ବେନିୟମ ପଥରଖଣି, ପରଜଙ୍ଗ ଓ ଭୁବନ ବ୍ଲକରେ ଚୋରା ମଦ କାରବାର ମୁଣ୍ଡବ୍ୟଥାର କାରଣ ହୋଇଥିବା ପୋଲିସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ୨୦୧୯ରେ ମୋଟରଯାନ ଆଇନ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ବାବଦରେ ୧୯ କୋଟି ୭ଲକ୍ଷ ୭ହଜାର ଟଙ୍କା ଆଦାୟ ହୋଇଥିବା ବେଳେ ୩୦୬ଟି ଦୁର୍ଘଟଣା ରିପୋର୍ଟ ହୋଇଛି । ୨୦୧୯ ଅକ୍ଟୋବର ୨ରୁ ଜିଲା ଆରକ୍ଷୀ ବିଭାଗ ମୋ ସରକାର କାର୍ଯ୍ୟକ୍ରମ ଚାଲୁ କରିଛି । ଏସ୍‌ପିଙ୍କ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଲ ସେଣ୍ଟର କାର୍ଯ୍ୟ କରୁଛି। ଭାପୁର ଓ ମହାବିରୋଡ ଫାଣ୍ଡିକୁ ଥାନାକୁ ଉନ୍ନୀତ କରାଯିବା ସହ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ ପୋଲିସ ଫାଣ୍ଡି ଏବଂ କାମାକ୍ଷାନଗର ଟ୍ରାଫିକ ଫାଣ୍ଡି ଖୁବଶୀଘ୍ର କାର୍ଯ୍ୟକାରୀ ହେବ। ଗ୍ରାମରକ୍ଷୀ ପଦ୍ଧତି ଚାଲୁ ରଖିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ । ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରିବା ସହ ଭିଡ଼ ସମୟରେ ଏସ୍‌ପି ଓ ଜିଲାପାଳ ଗସ୍ତ କଲେ ଶତକଡା ୩୦ଭାଗ ଦୁର୍ଘଟଣା ହ୍ରାସ ପାଇବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ । ଜିଲା ଶିଳ୍ପ ଓ ଖଦି ଗ୍ରାମଦ୍ୟୋଗ କେନ୍ଦ୍ର ଦ୍ୱାରା ସମୁଦାୟ ୨୯ଟି ପିଏମ୍‌ଇଜିପି ମଞ୍ଜୁର ହୋଇଥିବା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ଉମାକାନ୍ତ ରାଜ ସୂଚନା ଦେଇଥିଲେ । ଜିଲାର ବ୍ୟାଙ୍କ ଗୁଡିକ ଋଣ ଦେବାକୁ ପଛଘୁଞ୍ଚା ଦେଉଥିବା ସେ ସୂଚନା ଦେଇଥିଲେ। ମହିଷାପାଟଠାରେ ଥିବା ଜମିକୁ ଏମ୍‌ଏସ୍‌ଏମ୍‌ଇକୁ ଦିଆଯାଉ ବୋଲି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଗଁଦିଆ ଠାରେ ନାଗେନା ତାଲିମ କେନ୍ଦ୍ରରେ ତାଲିମଧାରୀଙ୍କ ଷ୍ଟାଇପେଣ୍ଡ ବୃଦ୍ଧି, ମିଶନଶକ୍ତି କାର୍ଯ୍ୟକ୍ରମକୁ ଅଧିକ ଏସଏଚ୍‌ଜିକୁ ପ୍ରେରଣ, କତାଶିଳ୍ପର ବିକାଶ, କାରିଗରୀ ଗ୍ରାମ କାର୍ଯ୍ୟର ସମାପନ ଉପରେ ଆଲୋଚନା ହୋଇଥିଲା। ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜିଲାପାଳ ଭୂମେଶଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଓପିଟିସିଏଲ୍ ଡିଜିଏମ୍ ବିଜୟ କୁମାର ଦାସ, ଯୋଜନା ବିଭାଗ ଉପନିର୍ଦ୍ଦେଶକ ସରୋଜ କୁମାର ସେଠୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହେମନ୍ତ କୁମାର ନାୟକ, ତାଳଚେର ସେସୁ ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ପାଣିଗ୍ରାହୀ ଓ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ବିଜୟ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକ ମୃତ

**କଣିହାଁ,୧୮।୧୨(ଡି.ଏନ.ଏ.):** କଣିହାଁ ବ୍ଲକ ଏନ୍‌ଟିପିସି ଥାନା ଆମ୍ବପାଳ ଛକଠାରେ ଏକ ଅଜଣା ଗାଡ଼ି ଧକ୍କାରେ ବୁଧବାର ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଶୁଆଖାଇ କାଟେଣୀ ଗ୍ରାମର ସୋମନାଥ ବେହେରା ପ୍ରାଣ ହରାଇଛନ୍ତି। ଏନ୍‌ଟିପିସି ଥାନା ଆଇଆଇସି ଦୀପିକା ଦେବୀରାୟ କହିଛନ୍ତି, ସୋମନାଥ ବାଇକ୍‌ରେ ଯାଉଥିବାବେଳେ ମଙ୍ଗଳବାର ରାତିରେ ଦୁର୍ଘଟଣାଗ୍ରସ୍ତ ହୋଇ ଆମ୍ବପାଳ ରେଲୱେ କ୍ରସିଂ ରାସ୍ତା କଡ଼ରେ ପଡ଼ିଥିଲେ। ତାଙ୍କୁ ଉଦ୍ଧାର କରାଯାଇ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ବୁଧବାର ମୃତ୍ୟୁ ହୋଇଛି। ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଚାଲି ଯାଇଥିବା ଅନୁମାନ କରାଯାଉଛି। ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରାଯାଇଛି। ଏ ନେଇ ନଂ. ୧୩୧/୧୯ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

### ମଦ୍ୟପ ଚାଳକ ଗିରଫ

**ବଇଣ୍ଡା,୧୮।୧୨(ଡି.ଏନ.ଏ.):** ହଣ୍ଡପା ଥାନା ବଇଣ୍ଡା ଛକ ନିକଟରୁ ମଙ୍ଗଳବାର ରାତିରେ ହଣ୍ଡପା ପୋଲିସ ମଦ୍ୟପାନ କରି ଗାଡ଼ି ଚଳାଉଥିବା ଅଭିଯୋଗରେ କୁଶବଣିଆ ସାହି ଗ୍ରାମର ଜଣେ ଯୁବକଙ୍କୁ ଗିରଫ କରିଛି। ଏଥିସହିତ ତାଙ୍କ ନିକଟରୁ ଏକ ବାଇକ ଜବତ କରିଛି। ପୋଲିସ କହିଛି, ଯୁବକ ଜଣକ ମଦ୍ୟପାନ କରି ବାଇକ ଚଳାଉଥିବାବେଳେ ଯାଞ୍ଚ ସମୟରେ ଧରାପଡ଼ିଥିଲେ।

# ଢେଙ୍କାନାଳରେ ଖରିଫ ଧାନ କ୍ରୟ ଶୁଭାରମ୍ଭ

**ଢେଙ୍କାନାଳ ଅଫିସ,୧୮।୧୨**

ଢେଙ୍କାନାଳ ଜିଲାରେ ବୁଧବାର ଖରିଫ ଧାନ କ୍ରୟର ଶୁଭାରମ୍ଭ ହୋଇଛି। ସଦର ବ୍ଲକ ଗେଙ୍ଗୁଟିଆ ସେବା ସମବାୟ ସମିତି ପରିସରରେ ଜିଲାପାଳ ଭୂମେଶଚନ୍ଦ୍ର ବେହେରା ଏହାର ଶୁଭାରମ୍ଭ କରିଥିଲେ। ସରକାରଙ୍କ ନୂତନ ନିୟମ ଅନୁଯାୟୀ ୨୬ଜଣ ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଇ ଧାନକ୍ରୟ ହୋଇଥିଲା। ଚଳିତବର୍ଷ ଏହି ପ୍ରକ୍ରିୟାରେ ଆଧାର ସଂଯୋଗ ବାଧ୍ୟତାମୂଳକ କରାଯାଇଛି। ଆଇରିସ୍ ସ୍କାନର ମାଧ୍ୟମରେ ଚାଷୀଙ୍କୁ ଚିହ୍ନଟ କରାଯାଇ ଧାନକ୍ରୟ କରାଯାଇଥିଲା। କାର୍ଯ୍ୟକ୍ରମରେ ଢେଙ୍କାନାଳ ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, କୋଅପରେଟିଭ୍ ସୋସାଇଟି ଡେପୁଟି ରେଜିଷ୍ଟ୍ରାର ସଂଗ୍ରାମ କେଶରୀ ରାଉତ, ଜିଲା ଯୋଗାଣ ବିଭାଗ ଅଧିକାରୀ ସଞ୍ଜୀବ କୁମାର ସାହୁ, କୋପରେଟିଭ୍ ସୋସାଇଟି ସହକାରୀ ରେଜିଷ୍ଟ୍ରାର ସାରଦା ପ୍ରସାଦ ମିଶ୍ର, ଅନୁଗୋଳ ସଂଯୁକ୍ତ ସମବାୟ ବ୍ୟାଙ୍କ ଲିମିଟେଡର ସମ୍ପାଦକ ଭକ୍ତେଶ୍ୱର ମଲିକ, ଢେଙ୍କାନାଳ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ନିରଞ୍ଜନ ସେଠ୍, ଗେଙ୍ଗୁଟିଆ ସେବା ସମବାୟ ସଭାପତି ସୁଧୀର କୁମାର ପଟ୍ଟନାୟକ, ଉପସଭାପତି କମଳିନୀ ମହାନ୍ତିଙ୍କ ସମେତ ସମବାୟ ଓ ଯୋଗାଣ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ।


ଜିଲାପାଳ ଭୂମେଶଚନ୍ଦ୍ର ବେହେରା ଧାନକ୍ରୟ କାର୍ଯ୍ୟକ୍ରମ ଶୁଭାରମ୍ଭ କରୁଛନ୍ତି।

## କାଠ ସହ ଶଗଡ଼ ଜବତ, ୨ ଗିରଫ

**ପରଜଙ୍ଗ,୧୮।୧୨(ଡି.ଏନ.ଏ.)**

ଢେଙ୍କାନାଳ ବନଖଣ୍ଡ ମହାବିରୋଡ଼ ରେଞ୍ଜ ଦଦରାଘାଟି ଫରେଷ୍ଟ ସେକ୍ସନ ଅଧୀନ ଜାତୀୟ ରାଜପଥଠାରୁ କୁଲେଇ ଯାଇଥିବା ରାସ୍ତାର କୁଲେଇ ଗ୍ରାମ ନିକଟ ଆମ୍ବ ତୋଟା ନିକଟରେ ବୁଧବାର ବନବିଭାଗ ଚଢାଉ କରି ଏକ ଶଗଡ଼ ଗାଡ଼ି ସହ ଚୋରା ଶାଳ ଗଣ୍ଡି ଜବତ କରିଛି। ଏହି ଘଟଣାରେ କୁଲେଇ ଗ୍ରାମର ଦୁର୍ଯ୍ୟୋଧନ ମହାଭୋଇ ଓ ତାଙ୍କ ପୁତୁରା ଜିତୁ ମହାଭୋଇଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଉଭୟେ ଶଗଡ଼ରେ ଚୋରା ଶାଳ ଗଣ୍ଡି ନେଇ ଯାଉଥିବାବେଳେ ମହାବିରୋଡ଼ ରେଞ୍ଜର ସୁବ୍ରତ ବେହେରା, ଦଦରାଘାଟି ଫରେଷ୍ଟର ବିଶନାଥ ସୁରେନ, ହାତୀ ସ୍କ୍ୱାଡ୍ ଚଢାଉ କରିଥିଲେ।



# ସେଣ୍ଟ ଜାଭିୟର୍ସରେ ବିଜ୍ଞାନମେଳା



ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ଆୟୋଜିତ ବିଜ୍ଞାନ ମେଳା।

**ଢେଙ୍କାନାଳ ଅଫିସ,୧୮।୧୨**

ଢେଙ୍କାନାଳସ୍ଥିତ ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ବିଜ୍ଞାନମେଳା ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଛି। ଏଥିରେ ୩ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଢେଙ୍କାନାଳ ବିଜ୍ଞାନ କେନ୍ଦ୍ରର ମୁଖ୍ୟ ମଥୁରୀ ମୋହନ ରାଉତ ଯୋଗଦେଇ ଥିଲେ। ଆଇଜିଇଜିଟି ଓଡ଼ିଶା ଶାଖାର ମୁଖ୍ୟ ବନମାଳୀ ସାହୁ ଏବଂ ଓୟୁଏଟିରେ ପ୍ରଫେସର ମନୋଜ କୁମାର ସିହ୍ନା ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାରତ ସରକାରଙ୍କ ଶକ୍ତି ସଂରକ୍ଷଣ ବିଭାଗ ଦ୍ୱାରା ପ୍ରାୟୋଜିତ ଏହି କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ପ୍ରକଳ୍ପରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ବିନୟକ୍ରିଷ୍ଟା କାମେଲା ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ବରପୁତ୍ରଙ୍କୁ ଅଣଦେଖା ନେଇ ବିବାଦ

**ଜଳେଶ୍ୱର,୧୮।୧୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ପୌର ପରିଷଦରେ ପ୍ରତିମୂର୍ତ୍ତି ଉନ୍ମୋଚନ ଦେଇ ବିବାଦୀୟ ସ୍ଥିତି ସୃଷ୍ଟି ହୋଇଛି। ଏହି ଉନ୍ମୋଚନ ଉତ୍ସବ ପାଳନ ବେଳେ ନିକଟରେ ଥିବା ଜଳେଶ୍ୱରର କବି ଦୀନକୃଷ୍ଣ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରା ନ ଯିବା ଘଟଣାକୁ ଭାଜପା ସମାଲୋଚନା କରିଛି। ମଙ୍ଗଳବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଭାଜପା ପୌରପରିଷଦର ସଭାପତି ଫାଲ୍‌ଗୁନୀ ପାଣିଗ୍ରାହୀ, ପୂର୍ବତନ କାଉନସିଲର ଅନନ୍ତ ଦାସ ପ୍ରମୁଖ କହିଥିଲେ, ଜଳେଶ୍ୱର କବି ଦୀନକୃଷ୍ଣଙ୍କ ଜନ୍ମସ୍ଥାନ ହୋଇଥିବାରୁ ଏ ମାଟିର ଦାୟାଦ ଗର୍ବ ଅନୁଭବ କରିଥାନ୍ତି। ଏହି ବରପୁତ୍ରଙ୍କୁ ଅଣଦେଖା କରାଯିବା ଅନୁଚିତ ବୋଲି ଭାଜପା ପକ୍ଷରୁ କୁହାଯାଇଛି।

# ଆକ୍ସିସ ବ୍ୟାଙ୍କର ନୂତନ ଶାଖା ଉଦ୍‌ଘାଟିତ

**ଛେଣ୍ଡିପଦା,୧୮।୧୨(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ସଦର ମହକୁମାରେ ଆକ୍ସିସ ବ୍ୟାଙ୍କର ନୂତନ ଶାଖା ଉଦଘାଟିତ ହୋଇଯାଇଛି। ଆକ୍ସିସ ବ୍ୟାଙ୍କ କ୍ଲଷ୍ଟର ମୁଖ୍ୟ ଦେବାଶିଷ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ତହସିଲଦାର ଡାନିଏଲ ଏକ୍କା, ଛେଣ୍ଡିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁନୀଲ କେରକେଟା ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହା ଅନୁଗୋଳ ଜିଲାର ଷଷ୍ଠ ତମ ଶାଖା ହୋଇଥିବାବେଳେ ଓଡିଶାରେ ୧୭୩୦୦ ତମ ଆକ୍ସିସ ବ୍ୟାଙ୍କ ଶାଖା ଖୋଲାଯାଇଛି। ଉଦଘାଟନୀ ଦିବସରେ ୫୦ଟି ଜମା ଖାତା ଖୋଲାଯାଇଥିବା ଛେଣ୍ଡିପଦା ଆକ୍ସିସ ବ୍ୟାଙ୍କର ମୁଖ୍ୟ ଅଂଶୁମାନ ଷଡଙ୍ଗୀ ପ୍ରକାଶ କରିଛନ୍ତି।


ଅତିଥିମାନେ ବ୍ୟାଙ୍କ ଶାଖା ଉଦ୍‌ଘାଟନ କରୁଛନ୍ତି।

# ଜିଏମ୍‌ଆରକୁ ଶକ୍ତି ସଂରକ୍ଷଣ ପୁରସ୍କାର


ଜିଏମ୍‌ଆରକୁ ଶକ୍ତି ସଂରକ୍ଷଣ ପୁରସ୍କାର ପ୍ରଦାନ କରାଯାଉଛି।

**ଓଡାପଡା,୧୮।୧୨ (ଡି.ଏନ.ଏ)**

ଢେଙ୍କାନାଳ ଜିଲା କମଳାଙ୍ଗ ଜିଏମ୍‌ଆର କମଳାଙ୍ଗ ଏନର୍ଜି ଲିମିଟେଡ(ଜିକେଇଏଲ)କୁ ଚଳିତବର୍ଷର ରାଜ୍ୟ ଶକ୍ତି ସଂରକ୍ଷଣ ପୁରସ୍କାର ପ୍ରଦାନ କରାଯାଇଛି। ଶକ୍ତି ସଂରକ୍ଷଣ ଦିବସ ପାଳନ ଅବସରରେ ରାଜ୍ୟ ଶକ୍ତି ବିଭାଗ ଦ୍ୱାରା ଭୁବନେଶ୍ୱରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଜିକେଇଏଲ୍ ଅପରେଶନ ଓ ମେଣ୍ଟେନାନ୍ସ ବିଭାଗ ମୁଖ୍ୟ ମନୋଜ ମିଶ୍ର ଓ ଆସୋସିଏଟ୍ ଜେନେରାଲ ମ୍ୟାନେଜର ଆଶିଷ ଜେନା ଏହି ପୁରସ୍କାରକୁ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଓ ଶକ୍ତି ବିଭାଗ ସଚିବ ବିଷ୍ଣୁପଦ ସେଠୀଙ୍କ ଠାରୁ ଗ୍ରହଣ କରିଥିଲେ। କମ୍ପାନୀର ସିଓଓ ରମେଶ ଆର ପାଇ ଏହି ପୁରସ୍କାର ପାଇଁ ସମସ୍ତ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇବା ସହିତ ଜିକେଇଏଲ୍ ଶକ୍ତି ସଂରକ୍ଷଣ କ୍ଷେତ୍ରରେ ଅନେକ ପଦକ୍ଷେପ ନେଇଛି ଏବଂ ଆଗାମୀ ଦିନରେ ନୂତନ ପଦକ୍ଷେପ ନେବା ପାଇଁ ଏହି ପୁରସ୍କାର ପ୍ରେରଣା ଯୋଗାଇବ ବୋଲି ପ୍ରକାଶ କରିଥିଲେ।




# ଡିଜେ ସାଉଣ୍ଡରେ କମ୍ପିଲା ଭାପୁର


ମା'ଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

**ଭାପୁର,୧୮।୧୨ (ଡି.ଏନ.ଏ.)**

ଢେଙ୍କାନାଳ ଜିଲା ସଦର ବ୍ଲକ ଭାପୁର ଗ୍ରାମରେ ଚାଲିଥିବା ମାଣବସା ଗୁରୁବାର ମହାଲକ୍ଷ୍ମୀ ପୂଜାର ଭସାଣି ଉତ୍ସବ ବୁଧବାର ଧୁମଧାମରେ ପାଳିତ ହୋଇଛି। ନିର୍ଦ୍ଧାରିତ ସମୟରେ ମେଢଗୁଡ଼ିକ ଭାପୁର ବାଳିକା ଉପ୍ରା ବିଦ୍ୟାଳୟସ୍ଥିତ ମେଳଣ ପଡ଼ିଆରେ ଏକତ୍ରିତ ହୋଇଥିଲେ। ପରେ କ୍ରମାନୁଯାୟୀ ପୁରୁଣାକଟକ ସମ୍ବଲପୁର ରାସ୍ତାରୁ ବାହାରି ବଜାର ଛକ ଦେଇ ଗାଁ ଭିତରକୁ ପ୍ରବେଶ କରିଥିଲେ। ବିଭିନ୍ନ ବାଜା ଓ ଡିଜେ ସାଉଣ୍ଡ ଦ୍ୱାରା ଶୋଭାଯାତ୍ରାରେ ମା'ଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ଭାପୁର ଫାଣ୍ଡି, ସଦର ଥାନା ପୋଲିସ ଓ ଏକ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ସେହିପରି ପ୍ରବଳ ଭିଡ଼ ଯୋଗୁ ପୁରୁଣା କଟକ ସମ୍ବଲପୁର ରାସ୍ତା ୨ ଘଣ୍ଟା ଧରି ଜାମ ରହିଥିଲା। ଗ୍ରାମ ପରିକ୍ରମା କରିବା ପରେ ସାପୁଆ ନଦୀରେ ମେଢକୁ ବିସର୍ଜନ କରାଯାଇଥିଲା।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ